## ସଂକ୍ଷେପରେ

### କଲରାବାଙ୍କରେ ବୈକୁଣ୍ଠଧାମ ସ୍ଥାପନ

**ରଘୁନାଥପୁର,୧୯।୧୧(ଡି.ଏନ୍.ଏ.):** ରଘୁନାଥପୁର ନିକଟ କଲରାବାଙ୍କ ସ୍ମାର୍ଟଗ୍ରାମରେ ନିଳିମାରାଣୀ ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ତତ୍ତ୍ୱାବଧାନରେ ମୃତଦେହ ସତ୍କାର ନିମନ୍ତେ ଏକ ବୈକୁଣ୍ଠ ଧାମ ସ୍ଥାପନ କରାଯାଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ଏହାକୁ ଉଦ୍‌ଘାଟନ କରିଥିଲେ। ଏହାଦ୍ୱାରା କଟକ ଓ ଜଗତସିଂହପୁର ଜିଲାର ୫୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପକୃତ ହୋଇପାରିବେ ବୋଲି ଡ଼. ସାମନ୍ତ ପ୍ରକାଶ କରିଛନ୍ତି। ଆସନ୍ତା ସପ୍ତାହ ମଧ୍ୟରେ ମୃତଦେହ ସ୍ଥାନାନ୍ତର ନିମନ୍ତେ ବୈକୁଣ୍ଠ ରଥ ଉପଲବ୍ଧ ହେବ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟ ଅଧକ୍ଷ ଅନ୍ତର୍ଯାମୀ ସାମନ୍ତ, କାଦମ୍ବିନୀର ସମ୍ପାଦିକା ଡ.ଇତି ସାମନ୍ତ, କିଟ୍ ପ୍ରୋ ଭାଇସଚାନ୍ସେଲର ଡ.ସସ୍ମିତା ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### ପୋଲିସ ଚଢ଼ାଉ: ସୁନାଗହଣା ଜବତ

**କୋରେଇ,୧୯।୧୧(ସ୍ୱ.ପ୍ର.):** କୋରେଇ ପୋଲିସ ପକ୍ଷରୁ ଗୁରୁବାର ଅପରାହ୍ନରେ କନ୍ତର ପଞ୍ଚାୟତ ପୂର୍ବକୋଟ ଗ୍ରାମ ନିକଟରେ ଥିବା ତେଲେଙ୍ଗା ବସ୍ତିରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ଚୋରି ସୁନାଗହଣା ଜବତ କରାଯାଇଛି। ପୋଲିସର ଏକ ୫ ଜଣିଆ ଟିମ ଓ ଏକ ପ୍ଲାଟୁନ ଫୋର୍ସ ସହାୟତାରେ ଏହି ଚଢ଼ାଉ କରାଯାଇଥିଲା। ଏଥିରେ ଦୁଇ ଜଣଙ୍କୁ ଅଟକ ରଖାଯାଇଥିବା ସୂଚନା ମିଳିଛି। ଚଢ଼ାଉ ସମ୍ପର୍କରେ ପୋଲିସ କିଛି କହିବାକୁ ମନା କରି ଦେଇଥିଲେ ହେଁ ବୁଧବାର ରାତିରେ ମଙ୍ଗଳପୁରଠାରେ ହୋଇଥିବା ଅଳଙ୍କାର ଲୁଟ ଘଟଣା ସହ ଏହା ସମ୍ପୃକ୍ତ ଥିବା ଅନୁମାନ କରାଯାଉଛି। ସୂଚନାଯୋଗ୍ୟ, ପୂର୍ବରୁ ଏକାଧିକ ବାର କୋରେଇ ପୋଲିସ ଓ ରାଜ୍ୟ ବାହାର ପୋଲିସ ପକ୍ଷରୁ ଉକ୍ତ ବସ୍ତି ଉପରେ ଚଢ଼ାଉ କରାଯାଇ ବହୁ ଲୁଟ ସାମଗ୍ରୀ ଜବତ ହୋଇଥିବା ନଜିର ରହିଛି।

### ମିଶନ ଶକ୍ତି ବ୍ଲକ ଫେଡେରେଶନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ରାଜନଗର,୧୯।୧୧(ଡି.ଏନ.ଏ.):** ରାଜନଗର ବ୍ଲକ ପରିସରରେ ମିଶନ ଶକ୍ତି ବ୍ଲକ ଫେଡେରେଶନ କାର୍ଯ୍ୟାଳୟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମିଶନ ଶକ୍ତି ବ୍ଲକ ପ୍ରୋଜେକ୍ଟ କୋଅର୍ଡିନେଟର ସାଗରିକା ମଲ୍ଲିକଙ୍କ ସଂଯୋଜନାରେ ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ବିଡିଓ ମନ୍ଦରଧର ମହାଳିକ, ସିଡିପିଓ ପୁଷ୍ପଲତା ଦାସ, ଓଡ଼ିଶା ଜୀବିକା ମିଶନର ବ୍ଲକ ପ୍ରକଳ୍ପ ପରିଚାଳକ ରଶ୍ମିରଞ୍ଜନ ଦାଶ, ବ୍ଲକ କୋଅର୍ଡିନେଟର ନିହାର ରଞ୍ଜନ ବିଶ୍ୱାଳ, ଅଜିତ କୁମାର ପଣ୍ଡା, ରାଜନଗର ବ୍ଲକ ମିଶନ ଶକ୍ତି ମହାସଂଘର ସଭାନେତ୍ରୀ ପ୍ରେମମୁଳା ପ୍ରଧାନ, ସମ୍ପାଦିକା ମିନତି ନାୟକ ପ୍ରମୁଖ ଯୋଗଦେଇଥିଲେ।

# ୩ ବ୍ଲକର କୃଷି ପ୍ରଭାବିତ ହେବ

## ଖରସ୍ରୋତାରୁ ଭଦ୍ରକକୁ ପାଣି ଦେବା ବିବାଦ

**କେନ୍ଦ୍ରାପଡା ଅଫିସ, ୧୯।୧୧**


ଖରସ୍ରୋତା ନଦୀ

କେନ୍ଦ୍ରାପଡ଼ା ଜିଲାର ଖରସ୍ରୋତା ନଦୀରୁ ଭଦ୍ରକ ଜିଲାର ୪ ବ୍ଲକକୁ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ସ୍ଥାନୀୟ ଅଧିବାସୀଙ୍କ ବିରୋଧ ତୀବ୍ରତର ହେବାରେ ଲାଗିଛି। ପ୍ରଶାସନିକସ୍ତରରେ ଏହି ପ୍ରକଳ୍ପ ନିର୍ମାଣ ପାଇଁ ଉଦ୍ୟମ ଚାଲିଛି। ହେଲେ ବୁଧବାର ପ୍ରକଳ୍ପ ନିର୍ମାଣ କରିବାକୁ ଯାଇଥିବା ଏଡିଏମ୍, ପୋଲିସ, ଠିକା ସଂସ୍ଥାର ଶ୍ରମିକମାନେ ବିରୋଧ ଯୋଗୁ ଫେରିବାକୁ ବାଧ ହୋଇଥିଲେ। ଜିଲାର ୩ ବ୍ଲକ ଅଞ୍ଚଳର କୃଷି, ପାନୀୟ ଜଳ ଓ ଜାତୀୟ ଉଦ୍ୟାନ ଭିତରକନିକାର ଜୈବ ବିବିଧତା ପ୍ରଭାବିତ ଆଶଙ୍କା କରି ଆସନ୍ତା ୨୨ରେ ରାଜକନିକାଠାରେ ଜନସମାବେଶ ଆୟୋଜିତ ହେବ।

କେନ୍ଦ୍ରାପଡ଼ା ଜିଲାର ରାଜକନିକା, ଆଳି ଓ ରାଜନଗର ବ୍ଲକ ଅଞ୍ଚଳ ମଧ୍ୟରେ କେନାଲ ନାହିଁ। ଏହି ଅଞ୍ଚଳର ଘରୋଇ ଚଳଣି, ପଶୁପକ୍ଷୀ ଓ କୃଷି ପାଇଁ ୩ ବ୍ଲକ ଅଞ୍ଚଳ ମଧ୍ୟରେ ପ୍ରବାହିତ ନଦୀର ମଧୁର ଜଳ ଲିଫ୍ଟ ଇରିଗେଶନ, ପୋଖରୀ ଆଦିକୁ ବ୍ୟବହାର କରାଯାଉଛି। ସମୁଦ୍ର ନିକଟବର୍ତ୍ତୀ ସ୍ଥାନ ହେତୁ ଜିଲାର ୩ ବ୍ଲକ ଅଞ୍ଚଳର ଭୂତଳ ଜଳ ଲୁଣିଆ। ଜଳ ସମ୍ପଦ ବିଭାଗ ପକ୍ଷରୁ ୨୦୧୬ରେ ହୋଇଥିବା ସର୍ଭେ ଅନୁଯାୟୀ ଘରୋଇ, କୃଷି ଓ ପଶୁପକ୍ଷୀ ଆବଶ୍ୟକତା ପାଇଁ ଆଳି, ରାଜକନିକା ଓ ରାଜନଗର ବ୍ଲକ ଅଞ୍ଚଳରେ ୦.୩୬୬୧୩୧ ବିଲିୟନ କ୍ୟୁବିକ ମିଟର ମଧୁର ଜଳ ଦୈନିକ ଆବଶ୍ୟକତା ଅଛି। ତେବେ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡର ଆକଳନ ଅନୁଯାୟୀ, ଏହି ୩ ବ୍ଲକରେ ଭୂତଳ ଜଳ ବ୍ୟବହାର ଯୋଗ୍ୟ ହୋଇ ରହିନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ପାନୀୟ ଜଳ ପାଇଁ ଖରସ୍ରୋତା ନଦୀର ଆଳି ବ୍ଲକ ଡିମିରିପାଳ ଓ ରାଜକନିକା ବ୍ଲକ ଦେଉଳତରାଠାରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହେବାକୁ ଅଛି। ଏଥିସହ ଏହି ନଦୀରୁ ମେଗା ଲିଫ୍ଟ ଯୋଜନାରେ ସ୍ଥାନୀୟ ଅଞ୍ଚଳର କୃଷି କ୍ଷେତ୍ରକୁ ଜଳସେଚନ ବ୍ୟବସ୍ଥା ହେବାକୁ ଯାଉଛି। ଖରସ୍ରୋତା ପାଣିରେ ଏହି କୃଷି ଯୋଜନାକୁ କାର୍ଯ୍ୟକାରୀ ପାଇଁ ଆଳି, ରାଜକନିକା ବ୍ଲକର ବିଭିନ୍ନ ସ୍ଥାନରେ କ୍ରିକ ବନ୍ଧ ଓ ବ୍ୟାରେଜ ଆଦି ପ୍ରସ୍ତାବ ରହିଛି। ବୈତରଣୀ ନଦୀରୁ ଉତ୍ପନ୍ନ ଖରସ୍ରୋତା ନଦୀ ଜିଲାରେ ଆଳି ବ୍ଲକ ଉତ୍ତର ଓ ପଶ୍ଚିମ ଦିଗରେ ଥିବା ଯାଜପୁର ଜିଲାର ବୋଝଡିହାଠାରେ ପ୍ରବେଶ କରିଥିବା ବେଳେ ରାଜନଗର ବ୍ଲକ ଦକ୍ଷିଣବାଡ଼ ନିକଟରେ ବ୍ରାହ୍ମଣୀ ନଦୀ ଜଳ ଆହରଣ କରୁଛି। ଅପରପକ୍ଷରେ ଆଳି ବ୍ଲକର ସାନମଙ୍ଗଠାରେ ବଙ୍ଗାଳି ପୋଖରୀ, ପଞ୍ଚପଡା କ୍ରିକ, ବ୍ରାହ୍ମଣ ଯୋର କ୍ରିକ୍, ଗୁମରା ଯୋର, ଅରେହିକଣାର ଘେରିବନ୍ଧ, ବଡଆଙ୍କୁଅ କ୍ରିକ୍, ସାନଆଙ୍କୁଅ କ୍ରିକ୍, ଗବଡିହ କ୍ରିକ୍, କାଳିଆଘାଇ କ୍ରିକ୍ ସହ ବହୁ ବନ୍ଧ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ କୃଷି ଯୋଜନାରେ ପ୍ରକଳ୍ପ ପ୍ରସ୍ତାବରେ ସୀମିତ ରହିଛି। ସେହିପରି ରାଜକନିକା ବ୍ଲକ ଖଜିରି କ୍ରିକ୍, ବାଙ୍କିନାଳ କ୍ରିକ୍, ପାଇକିରା ନାଳ କ୍ରିକ୍, ବେବର୍ତ୍ତା ନାଳ କ୍ରିକ୍, ଗଣେଶପୁର କ୍ରିକ୍, ସିଙ୍ଗିଡିଯୋର କ୍ରିକ୍ ଆଦି ୧୫ଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇନାହିଁ। ସେହିପରି ରାଜକନିକ ବ୍ଲକର ୧୭ ପ୍ରକଳ୍ପ କାର୍ଯ୍ୟକାରୀ ହୋଇନାହିଁ। ଫଳରେ ଖରସ୍ରୋତାର ନଦୀ ଜଳ ସମୁଦ୍ରକୁ ବୋହି ଯାଉଛି। କ୍ରିକ୍ ଓ ବ୍ୟାରେଜ ନିର୍ମାଣ ଫଳରେ ଖରସ୍ରୋତା ନଦୀରେ ଉପଯୁକ୍ତ ପରିମାଣରେ ଜଳ ଗଚ୍ଛିତ ହୋଇ ସ୍ଥାନୀୟ କୃଷିକୁ ଉନ୍ନତ କରିବ। ଅପରପକ୍ଷରେ ଅଣମୌସୁମୀ ସମୟରେ ଏହି ନଦୀର ଜଳ ଅଭାବ ଦୂର କରିବ। ଭଦ୍ରକ ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ଲାଗି ନଦୀରୁ ପାଣି ଉଠାଗଲେ ସ୍ଥାନୀୟ କୃଷି ପ୍ରଭାବିତ ହେବ ବୋଲି ବହୁ ବୁଦ୍ଧିଜୀବୀ ଓ ଚାଷୀ ମତବ୍ୟକ୍ତ କରିଛନ୍ତି।


ବିଧାୟକ ସମ୍ବିତ ରାଉତରାୟ ରାଜପଥ ମରାମତି ପାଇଁ ଦାବିପତ୍ର ଦେଉଛନ୍ତି।

## ଜାତୀୟ ରାଜପଥ ମରାମତି ଦାବି

**ପାରାଦୀପ, ୧୯।୧୧(ସ୍ୱ.ପ୍ର.)**

ପାରାଦୀପ-ଚଣ୍ଡିଖୋଲ ୫ନଂ.(କ) ଜାତୀୟ ରାଜପଥ ଖାଲଖମାର ମରାମତି ପାଇଁ ପାରାଦୀପ ବିଜେଡି ପକ୍ଷରୁ ଦାବି କରାଯାଇଛି। ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ନଗର ବିଜେଡି ସଭାପତି ବସନ୍ତ ବିଶ୍ୱାଳ ବୁଧବାର ଭୁବନେଶ୍ୱରଠାରେ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଭେଟି ମରାମତି ଲାଗି ଦାବିପତ୍ର ଦେଇଛନ୍ତି। ଏହି ପ୍ରସଙ୍ଗରେ ପ୍ରକଳ୍ପ ନିର୍ଦ୍ଦେଶକ ଚଳିତ ମାସରେ ରାସ୍ତା ମରାମତି କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ ଉକ୍ତ ରାସ୍ତା ମରାମତି ନ ହେବାରୁ ଅଧିକାଂଶ ସ୍ଥାନରେ ଗର୍ତ୍ତ ହୋଇଗଲାଣି। ବିଶେଷକରି ପାରାଦୀପଠାରୁ ଭୂତମୁଣ୍ଡାଇ ପର୍ଯ୍ୟନ୍ତ ରାସ୍ତାରେ ପ୍ରାୟ ସମୟରେ ଦୁର୍ଘଟଣା ଘଟୁଛି। ଏଥିଯୋଗୁ ପଥଚାରୀଙ୍କ ଜୀବନ ଯାଉଛି। ମରାମତି ପାଇଁ ୨୦୧୮ ସେପ୍ଟେମ୍ବରରେ ବିଜେଡି ପକ୍ଷରୁ ରାଜପଥ ଅବରୋଧ କରାଯାଇଥିଲା। ଏତଦ୍‌ବ୍ୟତୀତ ପାରାଦୀପର ୩ ଟି ସାମାଜିକ ସଙ୍ଗଠନ ପକ୍ଷରୁ ବାରମ୍ବାର ଅଭିଯୋଗ ଓ ଚିଠି ରଜପଥ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିଲା। ଏହାସତ୍ତ୍ୱେ ରାସ୍ତା ମରାମତି ହେଉ ନ ଥିଲା। ଚଳିତ ମାସରେ ଯଦି ରାସ୍ତା ମରାମତି ରାଜପଥ କର୍ତ୍ତୃପକ୍ଷ ନ କରନ୍ତି ତାହା ହେଲେ ବିଜେଡି ପକ୍ଷରୁ ପୁଣି ଆନ୍ଦୋଳନ କରାଯିବ ବୋଲି ନଗର ବିଜେଡି ସଭାପତି ବିଶ୍ୱାଳ କହିଛନ୍ତି।


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଦଳିତ, ଆଦିବାସୀ ପରିବାର ସଦସ୍ୟ।

## ଦଳିତ, ଆଦିବାସୀଙ୍କୁ ମିଳୁନି ଘରଡିହ ପଟ୍ଟା

**ନୟାଗଡ଼ ଅଫିସ,୧୯।୧୧**

- ବାସସ୍ଥାନ ପ୍ରମାଣପତ୍ର ନ ଥିବାରୁ ସରକାରୀ ସୁବିଧାରୁ ବଞ୍ଚିତ
- ବାରମ୍ବାର ଅଭିଯୋଗ ପରେ ମିଳୁନି ସୁଫଳ
- ଜିଲାପାଳଙ୍କୁ ଫେରାଦ ହେଲେ ଭୂମିହୀନ

ସରକାର ଦଳିତ ଓ ଆଦିବାସୀଙ୍କ ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ହେଲେ ଏହା ସେମାନଙ୍କ ପାଇଁ ଅପହଞ୍ଚ ହୋଇରହିଛି। ରଣପୁର ତହସିଲର ବିଭିନ୍ନ ପଞ୍ଚାୟତରେ ୫୦୦ରୁ ଊର୍ଦ୍ଧ୍ୱ ଦଳିତ ଓ ଆଦିବାସୀ ପରିବାର ସରକାରୀ ଜମିରେ କାହିଁ କେଉଁ ଅମଳରୁ ରହିଆସୁଥିଲେ ମଧ୍ୟ ପଟ୍ଟା ପାଇପାରୁ ନାହାନ୍ତି। ତହସିଲ ପକ୍ଷରୁ ସେମାନଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ ଉଠିଛି। ବାସସ୍ଥାନ ପ୍ରମାଣପତ୍ର ପାଇ ନ ଥିବାରୁ ସରକାରୀ ସୁବିଧା ହାସଲ କରିପାରୁ ନାହାନ୍ତି। ଏହି ସମସ୍ୟା ନେଇ ସେମାନେ ବିଭିନ୍ନ ସମୟରେ ତହସିଲଦାର, ବିଡିଓ, ଉପଜିଲାପାଳ, ଜିଲାପାଳଙ୍କୁ ଭେଟିଥିଲେ ମଧ୍ୟ ସୁଫଳ ମିଳୁନି। ଏପରିସ୍ଥଳେ ଏହି ଭୂମିହୀନ ପରିବାର ଗୁରୁବାର ଭାରତ ରତ୍ନ ଡକ୍ଟର ବି. ଆର୍. ଆମ୍ବେଡକର ସୋସିଆଲ ୱେଲ୍‌ଫେୟାର ଅର୍ଗାନାଇଜେଶନ ସହଯୋଗରେ ଜିଲାପାଳଙ୍କୁ ଭେଟି ନିଜ ସମସ୍ୟା ଜଣାଇବା ସହ ଲିଖିତ ଭାବେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ ରଣପୁର ତହସିଲ ରାଜସୁନାଖଳା ପଞ୍ଚାୟତ କୋଟଗଡ଼ ଆଦିବାସୀ ସାହିର ୧୫, କୋଟଗଡ଼ ନୂଆସାହିର ୭, ଗୋଡ଼ିସାହିର ୫ ପରିବାର ୨୦ରୁ ଊର୍ଦ୍ଧ୍ୱ ବର୍ଷ ହେଲା ସରକାରୀ ଜମିରେ ରହି ଆସୁଛନ୍ତି। ସେହିଭଳି କୁଳାସର ପଞ୍ଚାୟତ ନିରାକାରପୁରର ୨ ପରିବାର, ଗୋପାଳପୁର ପଞ୍ଚାୟତ ୧୬ ନଂ. ୱାର୍ଡ ହରିଜନ ସାହିର ୧୨୫, ଚାନ୍ଦପୁର ପଞ୍ଚାୟତ ଚାନ୍ଦପୁର ଭୋଇସାହିର ୧୫ ପରିବାର ଭୂମିହୀନ। ଅନୁରୂପ ଭାବେ ବଜ୍ରକୋଟ ପଞ୍ଚାୟତର ୩୦, ଦର୍ପନାରାୟଣପୁରର ୧୦୦, ଖଡିଆ ପଞ୍ଚାୟତ ଦଳିତସାହିର ୧୦, ରଙ୍କଦେଉଳି ପଞ୍ଚାୟତ ଗୋଡିମଡା ଦଳିତସାହିର ୩୦ ପରିବାର ପଟ୍ଟା ପାଇପାରି ନାହାନ୍ତି। ଏ ନେଇ ରଣପୁର କୋଡିଏ କାହାଣିଆ ଗାଁର ଗଙ୍ଗାଧର ନାୟକ, ଦୀନବନ୍ଧୁ ନାୟକ, ଚାନ୍ଦପୁରର ତନୁଲତା ଭୋଇ କୁହନ୍ତି, ଦଳିତ ଓ ଆଦିବାସୀ ଲୋକ ଘରବାରି ପଟ୍ଟା ନ ପାଇବାରୁ ସରକାରୀ ସୁବିଧା ସୁଯୋଗ ନେଇପାରୁ ନାହାନ୍ତି। ପଟ୍ଟା ପାଇବା ପାଇଁ ବିଭିନ୍ନ ସମୟରେ ଆବେଦନ ସହ ଅଭିଯୋଗ, ପ୍ରତିବାଦ ପରେ କେବଳ ପ୍ରତିଶ୍ରୁତି ମିଳୁଛି। ଦଳିତ ଓ ଆଦିବାସୀ ନେତା ନାରାୟଣ ଚନ୍ଦ୍ର ଦାସ, ଦିବାକର ଭୋଇ କୁହନ୍ତି, ଦଳିତ ଓ ଆଦିବାସୀଙ୍କ ସମସ୍ୟା ଅନେକ। ତେବେ ଭୂମିହୀନ ଦଳିତ ଓ ଆଦିବାସୀଙ୍କ ସମସ୍ୟାଙ୍କୁ ଗୁରୁତ୍ୱ ଦିଆଯାଇ ସମାଧାନ କରାଯିବା ଦରକାର। ସେମାନଙ୍କ ପାଇଁ ସ୍ୱତନ୍ତ୍ର ଶ୍ମଶାନ, କୋଠଘର, ପୋଖରୀ, ବେକାର ଯୁବତୀଯୁବକଙ୍କ ପାଇଁ କର୍ମସଂସ୍ଥାନ ଯୋଗାଇବା ଆବଶ୍ୟକ। ଜିଲାପାଳଙ୍କ ଅନୁପସ୍ଥିତିରେ ଆମେ ଅତିରିକ୍ତ ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ଦେଇଛୁ। ସେ ଜିଲାପାଳଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ସେମାନେ କହିଥିଲେ।

## ୨୦୨୨ ସୁଦ୍ଧା ଯାଜପୁର ହେବ ମେଡିକାଲ ହବ୍

**ଯାଜପୁର ଟାଉନ, ୧୯।୧୧(ଡି.ଏନ.ଏ.)**

୨୦୨୨ ସୁଦ୍ଧା ଯାଜପୁର ହେବ ମେଡିକାଲ ହବ୍। ଗୁରୁବାର ଯାଜପୁର ଜିଲାପାଳ ଚକ୍ରବର୍ତ୍ତି ସିଂ ରାଠୋର ଓ ସ୍ଥାନୀୟ ବିଧାୟକ ଯାଜପୁରରେ ହେବାକୁ ଥିବା ମେଡିକାଲ କଲେଜର ଭିତ୍ତିଭୂମି କାର୍ଯ୍ୟର ଅନୁଧ୍ୟାନ କରିବା ସହ ସମୀକ୍ଷା କରିଛନ୍ତି। କୋଭିଡ୍ ପାଇଁ ମେଡିକାଲ କଲେଜ ପ୍ରକଳ୍ପ କାର୍ଯ୍ୟ ଧିମେଇ ଯାଇଥିବା ବେଳେ ଏହାକୁ ତ୍ୱରାନ୍ୱିତ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଭିତ୍ତିଭୂମିର ବିକାଶ ପରେ ଏହି ମେଡିକାଲ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ସେହିପରି ଜିଲାର ପାଣିକୋଇଲିଠାରେ ପ୍ରସ୍ତାବିତ ଟ୍ରମା କେୟାର ସେଣ୍ଟର ଓ ଜିଲା ସଦର ମହକୁମାରେ ଏମ୍.ସି.ଏଚ୍. ବିଲ୍ଡିଂ ହେବା ପରେ ଆଗାମୀ ୨ବର୍ଷ ମଧ୍ୟରେ ଯାଜପୁର ଜିଲା ମେଡିକାଲ ହବ୍ ହେବାକୁ ଯାଉଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଏହି ଅବସରରେ ଯାଜପୁର ବ୍ଲକ୍ ଅଧିକାରୀ ସୌରଭ ଚକ୍ରବର୍ତ୍ତି, ତହସିଲଦାର ସୁଶାନ୍ତ କୁମାର ପତି, ଯାଜପୁର ପୌରପାଳିକାର ନିର୍ବାହୀ ଅଧିକାରୀ ଅଜୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ

**ଯାଜପୁର ଟାଉନ,୧୯।୧୧ (ଡି.ଏନ.ଏ.):** ଯାଜପୁର ଜିଲା କଂଗ୍ରେସ କମିଟି ତରଫରୁ ଜିଲା କାର୍ଯ୍ୟାଳୟଠାରେ ଗୁରୁବାର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଇନ୍ଦିରା ଗାନ୍ଧୀଙ୍କ ୧୦୩ତମ ଜୟନ୍ତୀ ସଭାପତି ମନୋଜ କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗରିଆପୁର ଓ ବାରୁଣୀ ପଡ଼ିଆଠାରେ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ଭୋଟର ତାଲିକା ସଂଶୋଧନ ଆରମ୍ଭ

**ଯାଜପୁର ଅଫିସ,୧୯।୧୧**

ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଯାଜପୁର ଜିଲାରେ ଆରମ୍ଭ ହୋଇଛି। ଚୂଡ଼ାନ୍ତ ସଂଶୋଧିତ ଭୋଟର ତାଲିକା ୨୦୨୧ ଜାନୁୟାରୀ ୧୫ରେ ସମସ୍ତ ଭୋଟଗ୍ରହଣ କେନ୍ଦ୍ର ଓ ଜିଲା ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ପ୍ରକାଶ ପାଇବ। ଏ ନେଇ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରୋଠୋର ସୂଚନା ଦେଇଛନ୍ତି। ୨୦୨୧ ଜାନୁୟାରୀ ୧ ସୁଦ୍ଧା ଯେଉଁମାନଙ୍କୁ ୧୮ ବର୍ଷ ବୟସ ହୋଇଥିବ ସେମାନେ ଭୋଟର ତାଲିକାରେ ନିଜ ନାମ ପଞ୍ଜୀକରଣ କରିପାରିବେ। ଚଳିତ ମାସ ୧୬ରୁ ଜିଲାର ସମସ୍ତ ଭୋଟଗ୍ରହଣ କେନ୍ଦ୍ର, ଜିଲା ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ କାର୍ଯ୍ୟାଳୟ, ତହସିଲ ଓ ବ୍ଲକ କାର୍ଯ୍ୟାଳୟରେ ଭୋଟର ତାଲିକା ପ୍ରକାଶ ପାଇଛି। ଏହାକୁ ଭୋଟରମାନେ ଅନୁଧ୍ୟାନ କରିପାରିବେ। ଭୋଟର ତାଲିକାରେ ନାମ ଯୋଗ ପାଇଁ ୬ ନଂ. ଫର୍ମ ମାଧ୍ୟମରେ ବିଏଲଓ (ବୁଥସ୍ତରୀୟ ଅଧିକାରୀ)ଙ୍କ ନିକଟରେ ଆବେଦନ କରିପାରିବେ। ଭୋଟର ତାଲିକାରେ ଗୋଟିଏ ଭୋଟ ଗ୍ରହଣ କେନ୍ଦ୍ରରୁ ଅନ୍ୟ ଏକ ଭୋଟ କେନ୍ଦ୍ରକୁ ନିଜର ନାମ ସ୍ଥାନାନ୍ତର ନିମନ୍ତେ ଫର୍ମ ନଂ. ୮(କ) ଓ ଭୋଟର ତାଲିକାରେ ତ୍ରୁଟି ଥିଲେ ସଂଶୋଧନ ପାଇଁ ଫର୍ମ ନଂ.୮ ରେ ଆବେଦନ କରିପାରିବେ। ନୂତନ ଭୋଟରଙ୍କ ପାଇଁ ଚଳିତ ମାସ ୨୮, ୨୯ ଏବଂ ଡିସେମ୍ବର ୫ ଓ ୬ ତାରିଖକୁ ସ୍ୱତନ୍ତ୍ର ଅଭିଯାନ ଦିବସ ଭାବେ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ପାଳନ କରାଯିବ। ବୁଥସ୍ତରୀୟ ଅଧିକାରୀ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ରହି ନୂତନ ଭୋଟରଙ୍କ ତାଲିକାରେ ନାମ ଯୋଗ ଓ ଭୋଟର ତାଲିକାର ସଂଶୋଧନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବେ। ଜାନୁୟାରୀ ୫ ସୁଦ୍ଧା ଅଭିଯୋଗ ଗ୍ରହଣ କରାଯାଇ ସମାଧାନ କରାଯିବ। ଜିଲାର ୧୬୧୯ ମତଦାନ କେନ୍ଦ୍ରରେ ବର୍ତ୍ତମାନ ୧୪,୮୦,୦୨୫ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରେ ୭,୬୯,୦୭୨ ପୁରୁଷ, ୭,୧୦,୮୯୦ ମହିଳା ଓ ୬୩ ଜଣ ଅନ୍ୟାନ୍ୟ ଭୋଟର ରହିଥିବା ସୂଚନା ମିଳିଛି।

## ଜିଲାସ୍ତରୀୟ ଗୋସମ୍ବର୍ଦ୍ଧନା ଉତ୍ସବ

**ରାଜନଗର,୧୯।୧୧(ଡି.ଏନ.ଏ.) :** ରାଜନଗର ବ୍ଲକ ସାନବଡ ଗୋପାଳପୁର ପଞ୍ଚାୟତ ଗୋସିଗାଁ ଓମ ଡାଏରୀ ଫାର୍ମରେ ଜିଲାସ୍ତରୀୟ ଗୋ ସମ୍ବର୍ଦ୍ଧନା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜନଗର ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଦୁଇଟି ଗାଈକୁ ପୂଜାର୍ଚ୍ଚନା କରାଯାଇଥିଲା। ଗୋ-ସମ୍ବର୍ଦ୍ଧନା ସପ୍ତାହ ଅବସରରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଏସଡ଼ିଭିଓ ଡା. ଆଶିଷ କୁମାର ଶତପଥୀ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. କିଶୋର କୁମାର ସାହୁ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଦେବୀ ପ୍ରସାଦ କୁଣ୍ଡ, ଭ୍ରାମ୍ୟମାଣ ୟୁନିଟ୍‌ର ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରକାଶ ଚନ୍ଦ୍ର ଜେନା, ଓମ ଡାଏରୀ ଫାର୍ମର କ୍ଷୀରୋଦ କୁମାର ରାଉତ ପ୍ରମୁଖ ଯୋଗଦେଇ ଗୋମାତାଙ୍କୁ ପୂଜାର୍ଚ୍ଚନା କରିଥିଲେ। ପରେ ରାଜନଗର ପଞ୍ଚାୟତ ସମିତି ଅଭ୍ୟର୍ଥନା କକ୍ଷରେ ଭର୍ଚୁଆଲ ମୋଡରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ଶହୀଦନଗରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଗୋସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ୩୦ ଜଣ ଗୋପାଳକ ପ୍ରୋଜେକ୍ଟର ମାଧ୍ୟମରେ ଦେଖିଥିଲେ। ଏଥିରେ ବିଡିଓ ମନ୍ଦରଧର ମହାଳିକ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଡା. ରଶ୍ମି ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ମାସିକ ବୈଠକ ଉପରେ ଗୁରୁତ୍ୱାରୋପ

## ଯାଜପୁର ପଞ୍ଚାୟତ ସମିତି ବୈଠକ

**ଯାଜପୁର ସଦର,୧୯।୧୧(ଡି.ଏନ.ଏ.)**

ଯାଜପୁର ପଞ୍ଚାୟତ ସମିତି ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ୭ମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ ପ୍ରଦୀପ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଡିଓ ସୌରଭ ଚକ୍ରବର୍ତ୍ତୀ, ଯାଜପୁର ବିଧାୟକଙ୍କ ପ୍ରତିନିଧି ଭବପ୍ରସାଦ ଦାସ ଓ ବରୀ ବିଧାୟକଙ୍କ ପ୍ରତିନିଧି ଗଣେଶ ମହାକୁଡଙ୍କ ସମେତ ବ୍ଲକ ଅଧୀନ ସମସ୍ତ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟାସଭ୍ୟ ଏବଂ ପଞ୍ଚାୟତ ଅଧିକାରୀମାନେ ଯୋଗ ଦେଇଥିଲେ। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭିତ୍ତିଭୂମିର ଉନ୍ନତି ସହ ନିୟମିତ ମାସିକ ବୈଠକ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମୋ ଉପକାରୀ ବଗିଚା, ୫ମ ରାଜ୍ୟ ଅର୍ଥ ଆୟୋଗ/ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଆୟୋଗ, ଜଳ ଓ ପରିମଳ ଯୋଜନା, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଉନ୍ନତୀକରଣ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା କାର୍ଯ୍ୟ ତ୍ୱରାନ୍ୱିତ କରିବା ଉପରେ ପୁଙ୍ଖାନପୁଙ୍ଖ ଆଲୋଚନା କରାଯାଇଥିଲା। ଯେଉଁ କାର୍ଯ୍ୟଗୁଡିକ ପଞ୍ଚାୟତ ମାନଙ୍କରେ ଅପୁରଣୀୟ ହୋଇ ରହିଛି ତାହାକୁ ତ୍ୱରାନ୍ୱିତ କରି ନିର୍ଦ୍ଦିଷ୍ଟ ସମୟ ଭିତରେ ସାରିବାକୁ ପଞ୍ଚାୟତ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା।



ବୈଠକରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ।

# ଡିସେମ୍ବର ୨୦ରୁ ଖରିଫ ଧାନ ସଂଗ୍ରହ


ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀ।

**ଯାଜପୁର ଅଫିସ,୧୯।୧୧**

- ପ୍ରଥମ ପର୍ଯ୍ୟାୟରେ ୭୮୦୮୮.୨୩୬ ଏମଟି ଧାନ ସଂଗ୍ରହ ଲକ୍ଷ୍ୟ
- ଟୋକନ ମିଳିବାର ୩୦ ଦିନ ମଧ୍ୟରେ ଧାନ ବିକ୍ରି

ଡିସେମ୍ବର ୨୦ରୁ ଚଳିତ ବର୍ଷର ଖରିଫ ଧାନ ସଂଗ୍ରହ ହେବ। ନିୟମ ଅନୁଯାୟୀ ଅନୁପାଳନ ସହ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ। ଗୁରବାର ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଅନୁଷ୍ଠିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଯୋଗଦେଇ ଏହା ପ୍ରକାଶ କରିଛନ୍ତି।

ଚଳିତ ବର୍ଷ ୪୩,୮୧୧ ଚାଷୀ ନାମ ପଞ୍ଜୀକରଣ କରିଥିବା ସୂଚନା ଦିଆଯାଇଛି। ଏହାସହ ୧୨୨ଟି ପ୍ୟାକ୍ସ ଓ ୧୬ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ଧାନ ସଂଗ୍ରହ କରାଯିବ। ଜିଲାରେ ୧୧୦୯୮୪ ହେକ୍ଟର ଧାନ ଚାଷ ଜମି ମଧ୍ୟରୁ ୨୩୯୮୭୭.୯୬ ମେଟ୍ରିକ ଟନ(ଏମଟି) ଧାନ ଉତ୍ପାଦନର ଲକ୍ଷ୍ୟ ରହିଛି। ପ୍ରଥମ ପର୍ଯ୍ୟାୟରେ ବଳକା ଧାନ ମଧ୍ୟରୁ ୭୮୦୮୮.୨୩୬ ଏମଟି ଧାନ ଚାଷୀଙ୍କଠାରୁ ସଂଗ୍ରହ କରାଯିବ ବୋଲି ଜିଲା ଯୋଗାଣ ଅଧିକାରୀ ଜି.ପ୍ରଭାକର ପାତ୍ର ସୂଚନା ଦେଇଛନ୍ତି। ମଣ୍ଡିମାନଙ୍କରେ ଚାଷୀଙ୍କ ପାଇଁ ପାଣି, ଆଶ୍ରୟ, ଧାନର ସୁରକ୍ଷା ଓ ଆଲୋକ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ସହ ଭବିଷ୍ୟତରେ ଧାନ ସଂଗ୍ରହ ସ୍ଥଳରେ ସ୍ଥାୟୀ ବ୍ୟବସ୍ଥା କରିବାକୁ ଜିଲାପାଳ ରଠୋର ପରାମର୍ଶ ଦେଇଥିଲେ। ମିଲରମାନେ ନିର୍ଦ୍ଧାରିତ ଦିନରେ ଧାନ ଉଠାଇବା ସହ ଚାଷୀଙ୍କୁ ସହଯୋଗ, ଚାଷୀଙ୍କୁ ଧାନ ପ୍ରଦାନ ସଂଗ୍ରହରେ ବିଭାଗୀୟ କର୍ତ୍ତୃପକ୍ଷ ପୂର୍ବରୁ ସୂଚନା ଦେବା ଓ ସେମାନଙ୍କ ଅସୁବିଧା ପ୍ରତି ଧାନ ଦେବାକୁ ଜିଲାପାଳ କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ନରେଶଚନ୍ଦ୍ର ମହାନ୍ତି, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଧଳ, ଡିଆରସିଏସ ରୁଦ୍ରପ୍ରତାପ ଦାସ ପ୍ରମୁଖ ଯୋଗଦେଇ ଚାଷୀ, ମିଲର ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସୁସମନ୍ୱୟ, ଚାଷୀଙ୍କୁ ଠିକ ସମୟରେ ଟୋକନ ପ୍ରଦାନ, ମଣ୍ଡିରୁ ଠିକ ଭାବେ ମିଲରଙ୍କ ଦ୍ୱାରା ଧାନ ଉଠାଣ, ଟୋକନ ପ୍ରଦାନ ପରେ ଚାଷୀଙ୍କ ସହ ଯୋଗାଯୋଗ ଆଦି ସମ୍ପର୍କରେ ଆଲୋକପାତ କରିଥିଲେ। ଗତ ବର୍ଷ ଟୋକନ ମିଳିବାର ୭ଦିନ ମଧ୍ୟରେ ଚାଷୀ ଧାନ ଦେଇଥିଲେ। କିନ୍ତୁ ଚଳିତ ବର୍ଷ ଏହାକୁ ୩୦ ଦିନକୁ ବୃଦ୍ଧି କରାଯାଇଛି। କୌଣସି ସମସ୍ୟା ଥିଲେ ତାହାକୁ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି। ଉପସ୍ଥିତ ଚାଷୀ ପ୍ରତିନିଧି ଓ ମିଲରମାନେ ସେମାନଙ୍କ ମତାମତ ଉପସ୍ଥାପନ କରିଥିଲେ।

**ପରୀ ମା'ବାପାଙ୍କୁ ଅଟକ ରଖି ଛାଡ଼ିଲା ପୋଲିସ**

**ନୟାଗଡ଼ ଅଫିସ:** ନୟାଗଡ଼ ସଦର ଥାନା ପୋଲିସ ପରୀ ହତ୍ୟାକାଣ୍ଡ ସମ୍ପର୍କରେ ପଚରାଉଚୁରା ପାଇଁ ଗୁରୁବାର ସକାଳେ ପରୀର ମା'ବାପାଙ୍କୁ ଉଠାଇ ଆଣିଥିଲା। ତେବେ ଅପରାହ୍ନରେ ସେମାନଙ୍କୁ ଛାଡିଦେଇଛି। ପ୍ରକାଶ ଯେ, ଯଦୁପୁର ଗାଁର ଅଶୋକ ସାହୁଙ୍କ ନାବାଳିକା ଝିଅ ଅମ୍ରିତା ଓରଫ ପରୀ (୬) ଜୁଲାଇ ୧୪ରେ ନିଖୋଜ ହୋଇଥିଲେ। ନିଖୋଜର ଦଶମ ଦିବସରେ ତା'ର ଗଳିତ ମୃତଦେହ ବାରିପଟୁ ଉଦ୍ଧାର ହୋଇଥିଲା। ଏହା ପରେ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଟେର ପାଇନି।

## ସଂକ୍ଷେପରେ

### ମନ୍ଦିରରୁ ୪ ଲକ୍ଷ ଟଙ୍କାର ଅଳଙ୍କାର ଚୋରି

**ରାଜନଗର,୧୯।୧୧(ଡି.ଏନ.ଏ.):** ରାଜନଗର ଥାନା ବାଲିସାହିପାଟଣା ଗାଁର ଆରାଧ୍ୟା ଦେବୀ ମା'ଥାନପତିଙ୍କ ମନ୍ଦିରର ତାଲା କାଟି ଦୁର୍ବୃତ୍ତମାନେ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଓ ରୁପା ଅଳଙ୍କାର ଚୋରି କରି ନେଇଛନ୍ତି। ବୁଧବାର ରାତିରେ ଗାଁ ଠାକୁରାଣୀଙ୍କ ମୁଖ୍ୟଦ୍ୱାର ଓ ମନ୍ଦିର ଭିତରେ ଥିବା ଲକର ତାଡି ଦୁର୍ବୃତ୍ତମାନେ ଏହି ଲୁଟ୍‌ପାଟ କରିଥିଲେ। ମା'ଙ୍କ ୮ଟି ରୁପା ମୁକୁଟ, ରୁପା ପଦକ ୬ଟି, ରୁପା ଖଣ୍ଡ ୨ଟି, ସୁନା ପଦକ ଗୋଟିଏ, ରୁପା ଚେନ ୬ଟି, ସୁନା ଚିତା ୨୩ଟି, ରୁପାଚିତା ୬ଟି, ସୁନାହାର ୨ଟି, ସୁନା ଖଣ୍ଡ ଗୋଟିଏ ଚୋରି ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି। ଗୁରୁବାର ସକାଳେ ଏ ନେଇ ଜଣାପଡିବା ପରେ ଗ୍ରାମବାସୀ ଏକାଠି ହୋଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗାଁର ମୁରବି ମହେଶ୍ୱର ସୂତାର, ବୈକୁଣ୍ଠ ବିହାରୀ ପରିଡା, ରବୀନ୍ଦ୍ର ଦାସ, ଗୌରାଙ୍ଗ ଚରଣ ସୂତାର ପ୍ରମୁଖ ଲିଖିତ ଭାବେ ଥାନାରେ ଅଭିଯୋଗ କରିଛନ୍ତି।

### କଣ୍ଟିଗଡ଼ିଆ ବଡ଼ପୋଖରୀର ରୂପରେଖ ବଦଳିବ

**ଧର୍ମଶାଳା,୧୯।୧୧ (ଡି.ଏନ.ଏ.):** ଧର୍ମଶାଳା ବ୍ଲକ କଣ୍ଟିଗଡିଆଠାରେ ଥିବା ବହୁ ପୁରାତନ ବଡପୋଖରୀ କୁଷୁମାର ରୂପରେଖ ବଦଳାଇବା ଲାଗି ପ୍ରୟାସ ଆରମ୍ଭ ହୋଇଛି। ଗୁରୁବାର ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ ଓ ସ୍ଥାନୀୟ ତହସିଲଦାର ପ୍ରମୁଖ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଏହି ପୋଖରୀର ରୂପରେଖ ବଦଳାଇ ଏହାକୁ ଏକ ପର୍ଯ୍ୟଟନ କ୍ଷେତ୍ର କରିବାକୁ ଉଦ୍ୟମ ହୋଇଛି। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ୫ କୋଟି ଟଙ୍କାର ଅର୍ଥ ବରାଦ କରାଯାଇଛି। ତେବେ ଏହାଠାରୁ ଅଧିକ ଟଙ୍କା ବ୍ୟୟ ହେବ ବୋଲି ଏଷ୍ଟିମେଟ କରାଯାଇଥିବା ବେଳେ ଉକ୍ତ ଅର୍ଥ ଏମ୍‌ପି ପାଣ୍ଠି, ବିଧାୟକ ପାଣ୍ଠି ଓ ବ୍ଲକର ଉନ୍ନୟନ ପାଣ୍ଠିରୁ ବିନିଯୋଗ କରାଯିବାକୁ ସ୍ଥିର ହୋଇଛି। ଏଠାରେ ବୋଟିଂ ସିଷ୍ଟମ ସହିତ ପିଲା ଓ ବଡମାନଙ୍କ ପାଇଁ ପାର୍କ, ପୁଷ୍ପ ଉଦ୍ୟାନ ଓ ଜଳ ନୃତ୍ୟ ଆଦି କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ପୂର୍ବରୁ ୧୫ଦିନ ତଳେ ଏହାର ରୂପରେଖ ନେଇ ଏକ ନକ୍ସା ପ୍ରସ୍ତୁତ ଲାଗି ଆର୍ଚିଟେକ୍ଟରଙ୍କୁ ଡକାଯାଇ ପ୍ରସ୍ତାବ ଦିଆଯାଇଥିଲା। ଆର୍ଚିଟେକ୍ଟର ଏହାର ନକ୍ସା ଜିଲାପାଳଙ୍କୁ ଦେବା ପରେ କାମର ଏଷ୍ଟିମେଟ କରିବା ଲାଗି ବ୍ୟବସ୍ଥା ଗ୍ରହଣ କରାଯାଇଛି।

### ବାଲି ଚୋରା ଚାଲାଣ



**ନାଉଗାଁ,୧୯।୧୧(ସ୍ୱ.ପ୍ର.):** ନାଉଗାଁ ବ୍ଲକ ବଛାଲୋ ପଞ୍ଚାୟତ ଅନ୍ତର୍ଗତ ପାଲନ୍ଦି ଘାଟରୁ ବେଆଇନ ବାଲି ଚୋରା ଚାଲାଣବେଳେ ବୁଧବାର ରାତିରେ ଟ୍ରାକ୍ଟର ଧରାପଡିଛି। ଅତିରିକ୍ତ ତହସିଲଦାର ନେତ୍ରାନନ୍ଦ ବେହେରା କୌଣସିସୂତ୍ରରୁ ଖବରପାଇ ସେଠାରେ ଚଢ଼ାଉ କରିଥିଲେ। ଏହି ସମୟରେ ଟ୍ରାକ୍ଟରଟି ବାଲି ବୋଝେଇ କରି ତିହୁଡା ଅଭିମୁଖେ ଯାଉଥିଲା। ଉକ୍ତ ଟ୍ରାକ୍ଟରକୁ ବେହେରା ଜବତ କରିବା ସହ ଚାଳକଙ୍କୁ ଧରି ଥାନାରେ ଖବରଦେଇଥିଲେ। ଥାନାଧିକାରୀ ଭରତଚନ୍ଦ୍ର ବେହେରା ପହଞ୍ଚି ଗାଡି ସହ ଚାଳକଙ୍କୁ ଥାନାରେ ଅଟକ ରଖିଛନ୍ତି। ତହସିଲଦାର ଜେ.କଳ୍ପନା କହିଛନ୍ତି, ଜବତ ଟ୍ରାକ୍ଟରଠାରୁ ଜରିମାନା ଆଦାୟ କରାଯିବ। ଗାଡିର ଆବଶ୍ୟକ କାଗଜପତ୍ର ନ ଥିଲେ ମାମଲା ରୁଜୁ କରାଯିବ।

### ବାଲି ବୋଝେଇ ଟ୍ରାକ୍ଟର ଜବତ

**ନୟାଗଡ଼ ଅଫିସ,୧୯।୧୧:** ନୂଆଗାଁ ଥାନା ପୋଲିସ ଗୁରୁବାର ଏକ ବାଲି ବୋଝେଇ ଟ୍ରାକ୍ଟର ମହୀପୁରଠାରୁ ଜବତ କରିଛି। ବେଆଇନ ଚାଲାଣ ଅଭିଯୋଗରେ ଟ୍ରାକ୍ଟର ଡ୍ରାଇଭର ମହୀପୁର କମଲପାଟଣା ଗାଁର ବିକ୍ରମ ବେହେରା(୨୫)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ବିକ୍ରମଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ମହୀପୁର ଡାକଦେଇ ବାଲିଘାଟରୁ ବାଲି ଚାଲାଣ ହେଉଥିଲା।

# ଏନ୍‌ଜିଟିରେ ମାମଲା ସତ୍ତ୍ୱେ ବାଲି ଉତ୍ତୋଳନ

**ଯାଜପୁର ଅଫିସ,୧୯।୧୧**

**ସାଆଁଳା ବାଲିଘାଟକୁ ଅନୁମତି**
- ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ
- ଆବଶ୍ୟକ ପଦକ୍ଷେପ ନେବାକୁ ଦାବି


ସାଆଁଳା ଘାଟରୁ ବାଲି ଉତ୍ତୋଳନ କରାଯାଉଛି।

ଯାଜପୁର ଜିଲା ବ୍ୟାସନଗର ତହସିଲ ଅଧୀନ ବୈତରଣୀ ନଦୀର ବେଆଇନ ସାଆଁଳା ବାଲିଘାଟ ଅଭିଯୋଗ ସଂକ୍ରାନ୍ତରେ ଏନଜିଟି(ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ)ରେ ନଂ.୩୫/୨୦୨୦ରେ ମାମଲା ବିଚାରାଧୀନ ରହିଛି। ଏନଜିଟିର ୬।୧୧।୨୦ ତାରିଖ ରାୟରେ ସାଆଁଳା ବାଲିଘାଟ ଲିଜଧାରୀଙ୍କୁ ଅଭ୍ୟାସଗତ ଆପରାଧିକ କାର୍ଯ୍ୟ ବୋଲି ଅଭିହିତ କରାଯାଇଛି। ଏହାସହ ବିନା ପରିବେଶଗତ ଅନୁମତିରେ ଦୀର୍ଘକାଳ ପର୍ଯ୍ୟନ୍ତ ବାଲି ଉତ୍ତୋଳନ ହୋଇଥିବାରୁ ପରିବେଶଗତ କ୍ଷତିପୂରଣ ଦେବା ସହ ଲିଜ ଅନୁମତିକୁ ବାତିଲ କରିବାକୁ ଏନଜଟି ନିର୍ଦ୍ଦେଶ ଦେଇଛି। ଅନ୍ୟପକ୍ଷେ ପ୍ରଶାସନିକ ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ସହ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ମାତ୍ର ଏ ସବୁ ସତ୍ତ୍ୱେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ପକ୍ଷରୁ ବାଲି ଉତ୍ତୋଳନ ପାଇଁ ପରିଚାଳନା ଅନୁମତି(ସିଟିଓ)ପ୍ରଦାନ କରାଯାଇଛି। ଏହି ଅନୁମତି ବଳରେ ଲିଜଧାରୀ ଗତ ୧୫ ତାରିଖଠାରୁ ପୁଣି ବାଲି ଉତ୍ତୋଳନ ଆରମ୍ଭ କରିଛନ୍ତି। ତେଣୁ ଏନ୍‌ଜିଟି ରାୟ ଉଲ୍ଲଂଘନ ହୋଇଛି ବୋଲି ଅଭିଯୋଗକାରୀଙ୍କ ପକ୍ଷରୁ ଆଡ୍‌ଭୋକେଟ ଶଙ୍କର ପ୍ରସାଦ ପାଣି ରାଜ୍ୟ ମୁଖ୍ୟ ଶାସନ ସଚିବ, ଯାଜପୁର ଜିଲାପାଳ, ବ୍ୟାସନଗର ତହସିଲଦାର ଓ ଏସ୍‌ପିସିବିର ସଦସ୍ୟ ସଚିବ ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଆଡ୍‌ଭୋକେଟ ପାଣି ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି, ଯାଜପୁର ଜିଲା ଦେଇ ପ୍ରବାହିତ କୋରେଇ ବ୍ଲକ ସାଆଁଳା ବାଲିଘାଟରେ ବେଆଇନ ବାଲି ଉତ୍ତୋଳନ ହେଉଥିବା ନେଇ ଏନ୍‌ଜିଟିରେ ଦୁଇଥର ମାମଲା ରୁଜୁ ହୋଇଛି। ପ୍ରଥମେ ୧୬୨/୨୦୧୬/ଇଜେଡ ଏବଂ ଦ୍ୱିତୀୟରେ ୩୫/୨୦୨୦/ଇଜେଡ କେଶ ନମ୍ବରରେ ମାମଲା ରୁଜୁ ହୋଇଥିଲା। ଏହାର ବିଚାର କରି ଏନ୍‌ଜିଟି ପକ୍ଷରୁ ବିଚାରପତି ଏସ.ପି. ୱାଙ୍ଗଡି ଓ ବୈଷୟିକ ସଦସ୍ୟ ସିଦ୍ଧାନ୍ତ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ଗତ ଜୁନରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରି ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏନଜିଟିର ଏହି ନିର୍ଦ୍ଦେଶ ଅନୁସାରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା, ଯାଜପୁର ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଓ ପରିବେଶ ବୈଜ୍ଞାନିକ ପ୍ରଦୀପ କୁମାର ନାୟକ ୧୩।୮।୨୦ରେ ମିଳିତ ଭାବେ ତଦନ୍ତ କରି ଏନଜିଟିରେ ରିପୋର୍ଟ ଦାଖଲ କରିଥିଲେ। ଏହି ରିପୋର୍ଟ ଆଧାରରେ ଏନ୍‌ଜିଟି ପରିଚାଳନାଗତ ଅନୁମତି ନ ଥିବାରୁ ଉକ୍ତ ବାଲିଘାଟକୁ ବେଆଇନ ବୋଲି ଅଭିହିତ କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଜାରି କରିଛି। ଏନଜିଟିର ଏହିସବୁ ନିର୍ଦ୍ଦେଶ ଏଯାଏ କାର୍ଯ୍ୟକାରୀ ହୋଇ ନ ଥିବାବେଳେ ଲିଜଧାରୀ କୌଣସି ରାଜସ୍ୱ ଅଧିକାରୀ/କର୍ମଚାରୀଙ୍କ ଅନୁପସ୍ଥିତିରେ ପିଲର ପୋତି ଚିହ୍ନଟ ଅଞ୍ଚଳରୁ ଟ୍ରକ ଓ ଟ୍ରାକ୍ଟର ଯୋଗେ ବାଲି ଉତ୍ତୋଳନ ଜାରି ରଖିଛନ୍ତି। ଗତ ୧୧।୫।୨୦ରେ ବାଲି ଉତ୍ତୋଳନକୁ ନେଇ ତହସିଲଦାର ଦେଇଥିବା ଅନୁମତି ଜୁନ ୩୦ରୁ ବୈଧତା ଶେଷ ହୋଇ ସାରିଛି। ବୁଧବାର ସାଆଁଳା ବାଲିଘାଟକୁ ଅନ୍ୟତ୍ର ବଦଳି ହୋଇଥିବା ରାଜସ୍ୱ ନିରୀକ୍ଷକ ପରିଦର୍ଶନରେ ଯାଇଥିଲେ। ଏନେଇ ସଂପୃକ୍ତ ଗ୍ରାମବାସୀ ପଚାରିବାରୁ ସେ ସରକାରୀ ଭାବେ ଆସି ନାହାନ୍ତି ବୋଲି ଉତ୍ତର ରଖିଥିଲେ। ଏନଜିଟିର ରାୟକୁ କିଭଳି ଭାବେ ଅବମାନନା କରାଯାଇଛି ତାହା ଏହି ସାଆଁଳା ବାଲିଘାଟରୁ ଜଳଜଳ ହୋଇ ଦିଶୁଛି। ଏହାକୁ ଅବଲୋକନ କରି ଆବଶ୍ୟକ ପଦକ୍ଷେପ ନେବାକୁ ଆଡଭୋକେଟ ଅନୁରୋଧ କରିଛନ୍ତି। ତେବେ ଏ ସଂକ୍ରାନ୍ତରେ ଲିଜ୍‌ଧାରୀ ଦେବେନ୍ଦ୍ର ଘଡ଼େଇ କହିଛନ୍ତି, ମାନୁଆଲ ଭାବେ ବାଲି ଉତ୍ତୋଳନ ଆରମ୍ଭ ହୋଇଛି। ଏଥିପାଇଁ ଆବଶ୍ୟକ ଅନୁମତି ଅଣାଯାଇଛି। ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ବେହେରା କହିଛନ୍ତି, ବିଭାଗ ପକ୍ଷରୁ ଲିଜ୍‌ଧାରୀଙ୍କୁ ପରିଚାଳନା ଅନୁମତି ଦିଆଯାଇଛି। ତେବେ ଏନ୍‌ଜିଟିର ନିର୍ଦ୍ଦେଶ ଅନୁସାରେ ଅଭିଯୋଗ ଉପରେ ଯୁଗ୍ମ ତଦନ୍ତ କରିବା ପରେ ରିପୋର୍ଟ ପ୍ରସ୍ତୁତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଚାଷୀଙ୍କ କ୍ଷତିପୂରଣ ଦାବି

**ବିରିଡି,୧୯।୧୧(ଡି.ଏନ୍.ଏ.)**

ଚଳିତ ବର୍ଷ ବିରିଡି ବ୍ଲକରେ ବିଭିନ୍ନ ଧାନ ଫସଲରେ ଚକଡ଼ା ପୋକ ଲାଗିବା ଯୋଗୁ ବହୁ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଏନେଇ ଅଲଇଣ୍ଡିଆ କିଷାନ କ୍ଷେତ ମଜ୍‌ଦୁର ସଙ୍ଗଠନ ବିରିଡି ଶାଖା ପକ୍ଷରୁ କ୍ଷତିପୂରଣ ଦାବିରେ ଗୁରୁବାର ବିରିଡ଼ି ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଙ୍ଗଠନ ବିରିଡ଼ି ଶାଖା ସଭାପତି ରମେଶଚନ୍ଦ୍ର ଭୋଇଙ୍କ ନେତୃତ୍ୱରେ ଚାଷୀମାନେ ବିରିଡି ଛକରୁ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ୩ ଦଫା ସମ୍ବଳିତ ଏକ ଦାବିପତ୍ର ତହସିଲଦାର ସାଗରିକା ପ୍ରିୟଦର୍ଶିନୀଙ୍କୁ ପ୍ରଦାନ କରିଥିଲେ। ସେମାନଙ୍କ ଦାବିଗୁଡିକ ମଧ୍ୟରେ ଚକଡା ପୋକ ଦ୍ୱାରା କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ, ଷଣ୍ଢ ଓ ମାଙ୍କଡମାନଙ୍କ ଥାଇଥାନ ନିମନ୍ତେ ସରକାରୀ ଉଦ୍ୟୋଗରେ ଷଣ୍ଢ, ମାଙ୍କଡ ଶାଳା ପ୍ରସ୍ତୁତ କରିବା ଓ ୨୦୨୦କୃଷି ବିଲ୍‌କୁ ବାତିଲ କରିବା ଆଦି ଅନ୍ତର୍ଭୁକ୍ତ। ଏହି କାର୍ଯ୍ୟକ୍ରମରେ ଆଶୋକ କୁମାର ସାହୁ, ମଙ୍ଗୁଳି ଦାସ, ରବୀନ୍ଦ୍ର ଭୋଇ, ଶରତ ଚନ୍ଦ୍ର ଜେନା, ପ୍ରକାଶ ଦାସ ଓ ଶଶିକାନ୍ତ ଭୋଇ ପ୍ରମୁଖ ସାମିଲ ହୋଇଥିଲେ।

## ବହିର୍ବିଭାଗ ଆଗରେ ଶୋଇ ପ୍ରତିବାଦ

**ବରୀ,୧୯।୧୧(ଡି.ଏନ.ଏ.)**



ବହିର୍ବିଭାଗ ଆଗରେ ଶୋଇ ରହିଥିବା କର୍ମଚାରୀ

ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସ୍ଥାୟୀ ଝାଡୁଦାର ଭାବେ କାର୍ଯ୍ୟ କରୁଥିବା ଦୀପକ ରଞ୍ଜନ ଗୋଛାୟତଙ୍କୁ ଗୁରୁବାର କାର୍ଯ୍ୟରୁ ବହିଷ୍କାର କରାଯାଇଛି। ଏକଥା ଜାଣିବା ପରେ ସେ ସ୍ୱାସ୍ଥ୍ୟକେନ୍ଦ୍ରର ବହିର୍ବିଭାଗ ଆଗରେ ଶୋଇ ରହି ପ୍ରତିବାଦ କରିଥିଲେ। ଦୀର୍ଘ ୮ବର୍ଷ ଧରି ଦୀପକ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଝାଡୁଦାର ଭାବେ କାର୍ଯ୍ୟରତ ଥିଲେ। ମାତ୍ର ଦାୟିତ୍ୱରେ ଥିବା ଡାକ୍ତର ସରକାରୀ ନିୟମ ମୁତାବକ ତାଙ୍କ ଦରମା ଦେବାକୁ ବିଲ୍ ନ କରିବାରୁ ସେ ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ତାଙ୍କୁ ଚାକିରିରୁ ବହିଷ୍କାର କରାଯିବା ପଛରେ ଅନ୍ୟ କଥା ଲୁଚି ରହିଛି ବୋଲି ସେ କହିଛନ୍ତି। ତାଙ୍କ କହିବା ଅନୁସାରେ, ତାଙ୍କର ବିଲ୍ କରିବାକୁ ଦାୟିତ୍ୱରେ ଥିବା ମୁଖ୍ୟ ଚିକିତ୍ସାଧିକାରୀ ଡା. ସବୀର ହୁସେନ ୫ ହଜାର ଟଙ୍କା ଦାବି କରିଥିଲେ। ଏପରି କି ଅର୍ଥ ନ ଦେଲେ ତାଙ୍କୁ ଚାକିରିରୁ ବହିଷ୍କାର କରିଦେବାକୁ ଧମକ ଦେଇ ଆସୁଥିଲେ ବୋଲି ଗୋଛାୟତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ହୁସେନ କହିଛନ୍ତି, ସମ୍ପୃକ୍ତ କର୍ମଚାରୀ ଦୈନିକ ମଦ୍ୟପାନ କରି ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଦୁର୍ବ୍ୟବହାର କରୁଥିଲେ। ଏପରି କି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ନେଇ ତାଙ୍କ ନାମରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ତେଣୁ ତାଙ୍କୁ ସରକାରୀ ନିୟମ ମୁତାବକ କାର୍ଯ୍ୟରୁ ବହିଷ୍କାର କରାଯାଇଛି। ଟଙ୍କା ମାଗିବା କଥାକୁ ଡାକ୍ତର ଖଣ୍ଡନ କରିଛନ୍ତି। ଏଠାରେ ପ୍ରଶ୍ନ ଉଠେ, ଯଦି ସମ୍ପୃକ୍ତ କର୍ମଚାରୀ ବାରମ୍ବାର ମଦ୍ୟପାନ କରି ବିଶୃଙ୍ଖଳା ସୃଷ୍ଟି କରୁଥିଲେ ତେବେ ତାଙ୍କୁ କାହିଁକି କାର୍ଯ୍ୟ କରିବାକୁ ସୁଯୋଗ ଦିଆଯାଉଥିଲା। ଏହାର ତଦନ୍ତ ହେଲେ ପ୍ରକୃତ ଘଟଣା ପଦାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

- ବିଶୃଙ୍ଖଳିତ ଆଚରଣ ଯୋଗୁ ଝାଡ଼ୁଦାର ଚାକିରିରୁ ବହିଷ୍କୃତ

## ୭ ଗାଡ଼ି ଜବତ, ୬୫ ହଜାର ଜରିମାନା ଆଦାୟ

**ରସୁଲପୁର,୧୯।୧୧(ଡି.ଏନ.ଏ.)**

ରସୁଲପୁର ତହସିଲ ପକ୍ଷରୁ ଗୁରୁବାର ରାଜପଥର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୭ଟି ଗାଡି ଜବତ କରାଯାଇଛି। ଏଥିସହିତ ୫ଟି ଗାଡ଼ିଠାରୁ ୬୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସନ୍ଧ୍ୟା ସୁଧା ବାକି ଦୁଇଟି ଗାଡିରୁ ଫାଇନ ଆଦାୟ କରାଯାଇ ନ ଥିଲା। ମାଲିକମାନେ ପହଞ୍ଚି ନ ଥିବାରୁ ଉକ୍ତ ଟ୍ରକ୍ ଦୁଇଟି ତହସିଲଦାରଙ୍କ ହେପାଜତରେ ରହିଥିଲା।

ବେଆଇନ ଲଘୁ ଖଣିଜ ଜାତ ଦ୍ରବ୍ୟ ପରିବହନ ହେଉଥିବା ଏହି ଗାଡିଗୁଡିକ ମଧ୍ୟରୁ ୩ଟି ଟ୍ରକରେ ମାଙ୍କଡ଼ା ପଥର, ୩ଟି ଟ୍ରକ୍ ଓ ଗୋଟିଏ ଟିପ୍ପରରେ ଚିପ୍ସ ବୋଝେଇ ହୋଇଯାଉଥିଲା। ଗାଡ଼ିଗୁଡିକ ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ଚଢଉକାରୀ ଦଳ ଜବତ କରି ତହସିଲ କାର୍ଯ୍ୟାଳୟକୁ ଆଣିଥିଲେ। ଚଢ଼ାଉରେ ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ରାଜସ୍ୱ ନିରୀକ୍ଷକ ରମେଶ ସାହୁ, ବରିଷ୍ଠ କିରାଣି ପ୍ରଭାକର ଷଡ଼ଙ୍ଗୀ ଓ କୁଆଖିଆ ଥାନା କର୍ମଚାରୀ ସାମିଲ ହୋଇଥିଲେ।

## ୭ ଦଫା ଦାବିରେ ଗଣଧାରଣା



ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବହୁଜନ ଛାତ୍ର ଓ ଯୁବ ସାମ୍ମୁଖ୍ୟ ପକ୍ଷରୁ ଗଣଧାରଣା।

**ନାଉଗାଁ,୧୯।୧୧(ସ୍ୱ.ପ୍ର.)**

ନାଉଗାଁ ବ୍ଲକର ବିଭିନ୍ନ ସମସ୍ୟାକୁ ତୁରନ୍ତ ସମାଧାନ ଦାବିକରି ବହୁଜନ ଛାତ୍ର ଓ ଯୁବ ସାମ୍ମୁଖ୍ୟ ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ଗଣଧାରଣା ଦିଆଯାଇଛି। ଏହି ଅବସରରେ ୭ ଦଫା ସମ୍ବଳିତ ଦାବିପତ୍ର ତହସିଲଦାର ଜେ.କଳ୍ପନାଙ୍କୁ ପ୍ରଦାନ କରାଯାଇଛି। ସେମାନଙ୍କ ଦାବିଗୁଡ଼ିକ ମଧ୍ୟରେ ବ୍ଲକରେ ରାଜସ୍ୱ ନିରୀକ୍ଷକଙ୍କ ନିଯୁକ୍ତି, ଭୂମିହୀନମାନଙ୍କୁ ଚିହ୍ନଟକରି ପଟ୍ଟା ପ୍ରଦାନ, ବସୁନ୍ଧରା ଯୋଜନାକୁ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରିବା, ଅନୁସୂଚିତ ଜାତି ଓ ଜନଜାତିଙ୍କୁ ତୁରନ୍ତ ପ୍ରମାଣପତ୍ର ପ୍ରଦାନ, ଜମିପଟ୍ଟା ନଥିଲେ ମଧ୍ୟ ଭୂମିହୀନଙ୍କୁ ଜାତି ପ୍ରମାଣପତ୍ର ପ୍ରଦାନ, ବିଦ୍ୟାଳୟରେ ନାମଲେଖା ସମୟରେ ଛାତ୍ରୀଛାତ୍ରଙ୍କ ପାଇଁ ଆବଶ୍ୟକ ହେଉଥିବା ପ୍ରମାଣପତ୍ର ନିର୍ଦ୍ଦିଷ୍ଟ ସମୟରେ ପ୍ରଦାନ କରିବା ଓ ଫନୀ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଯୋଗାଇଦେବାକୁ ଦାବି ହୋଇଥିଲା। ଏହି ଧାରଣାରେ ବହୁ ଜନଛାତ୍ର ଓ ଯୁବ ସାମ୍ମୁଖ୍ୟର ବ୍ଲକ ସଂଯୋଜକ ଆଲୋକ ଦାସ, ସୁନୀଲ କୁମାର ମଲିକ, ନନ୍ଦନଭୋଇ, ବାବାଜୀ କାଣ୍ଡି ,ଯୋଗେନ୍ଦ୍ର କାଣ୍ଡି,ବବୁଲ ଦାସ ଓ ଜିତେନ୍ଦ୍ର ଭୋଇ ଆଦି ସାମିଲ ହୋଇଥିଲେ।

## ଓସ୍ତିଆ ସମିତିସଭ୍ୟ ବିଜେଡିରୁ ନିଲମ୍ବିତ

**ରାଜନଗର,୧୯।୧୧(ଡି.ଏନ.ଏ.)**

ରାଜନଗର ବ୍ଲକ ଯୁବ ବିଜେଡି ସଭାପତି ଓ ଓସ୍ତିଆ ପଞ୍ଚାୟତର ସମିତିସଭ୍ୟ ପାରେଶ୍ୱର ନାୟକଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଓ ଦଳ ବିରୋଧୀ କାମ କରୁଥିବା ବିଧାୟକଙ୍କ ନିକଟରେ ଅଭିଯୋଗ ହୋଇଥିଲା। ବିଧାୟକ ଧ୍ରୁବ ସାହୁ ଦୁର୍ନୀତି ସମ୍ପର୍କରେ ଜାଣିବା ପରେ ତାଙ୍କୁ ବ୍ଲକ ଯୁବ ବିଜେଡି ସଭାପତିରୁ ନିଲମ୍ବିତ କରିବାକୁ ସୁପାରିସ କରିଥିଲେ। ଅଭିଯୋଗର ତଦନ୍ତ ପରେ କେନ୍ଦ୍ରାପଡା ଜିଲା ବିଜେଡି ସଭାପତି ଉତ୍କଳ କେଶରୀ ପରିଡା ଗୁରୁବାର ନାୟକଙ୍କୁ ଦଳରୁ ନିଲମ୍ବିତ କରିଛନ୍ତି। ଓସ୍ତିଆ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଛି। ସମିତିସଭ୍ୟ ନାୟକ ଦଳୀୟ କର୍ମୀଙ୍କୁ ବିଭିନ୍ନ ହଇରାଣରେ ପକାଇବା ସହ ଟଙ୍କା ନେଇ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ପ୍ରଦାନ କରୁଥିଲେ ବୋଲି ଅଭିଯୋଗ ରହିଥିଲା। ଦଳ ଏହି ଦୁର୍ନୀତି ସମ୍ପର୍କରେ ପ୍ରମାଣ ପାଇବା ପରେ ନାୟକଙ୍କୁ ଦଳୀୟ କାର୍ଯ୍ୟକ୍ରମରୁ ଦୂରେଇ ରଖିଥିଲା।

## ସ୍କୁଲ, କଲେଜ ବନ୍ଦ: କୋଚିଂ ସେଣ୍ଟର, ହଷ୍ଟେଲ ଖୋଲା

**ନୟାଗଡ଼ ଅଫିସ,୧୯।୧୧:** କରୋନା ଯୋଗୁ ସ୍କୁଲ, କଲେଜ ବନ୍ଦ ରହିଛି। ନୟାଗଡ ଜିଲା ସଦର ମହକୁମାରେ କୋଚିଂ ସେଣ୍ଟର, ହଷ୍ଟେଲ ଖୋଲା ରହିଛି। ଏଠାରେ ଶତାଧିକ କଲେଜ, ହାଇସ୍କୁଲରେ ଛାତ୍ରୀଛାତ୍ର ଦିନ ଓ ରାତିରେ ପଢୁଛନ୍ତି। ଏହା ଉପରେ ଜିଲା ପ୍ରଶାସନ ଅଥବା ଶିକ୍ଷା ବିଭାଗର ନଜର ନାହିଁ। ଯଦି କରୋନା ବ୍ୟାପେ କିଏ ଦାୟୀ ରହିବ ବୋଲି ମତପ୍ରକାଶ ପାଇଛି। ବେସରକାରୀ ହଷ୍ଟେଲ, କୋଚିଂ ସେଣ୍ଟର କର୍ତ୍ତୃପକ୍ଷ ଏବେ ଭଲ ରୋଜଗାରରେ ଲାଗି ପଡିଛନ୍ତି। ଅନ୍ୟପକ୍ଷେ କୋଚିଂ ସେଣ୍ଟରରେ ପଢିପାରୁ ନ ଥିବା ଗରିବ ଛାତ୍ରୀଛାତ୍ର ଚିନ୍ତାରେ ପଡିଯାଇଛନ୍ତି।

## ପାହାଡ଼କୁ ସଂଯୋଗ କରୁଥିବା ରାସ୍ତା ଖୋଳିଦିଆଗଲା

**ଧର୍ମଶାଳା/ଚଢେଇଧରା, ୧୯।୧୧ (ଡି.ଏନ.ଏ.)**

**ଚୋରା କଳାପଥର ପରିବହନ ରୋକିବା ଲାଗି ପ୍ରୟାସ**

ଧର୍ମଶାଳା ତହସିଲ ଅନ୍ତର୍ଗତ ରାହାଡପୁର ପାହାଡରୁ କଳାପଥର ଚୋରା ଚାଲାଣ ରୋକିବା ଲାଗି ଗୁରୁବାର ତହସିଲ ପକ୍ଷରୁ ରାସ୍ତାଗୁଡ଼ିକୁ ଖୋଳାଯାଇ ବନ୍ଦ କରିଦିଆଯାଇଛି। ସୂଚନା ଅନୁଯାୟୀ ରାହାଡପୁର କଳାପଥର ପାହାଡରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯିବା ସତ୍ତ୍ୱେ ପଥର ମାଫିଆମାନେ ଏହାକୁ ବେଖାତିର କରି ରାତିରେ ବ୍ଲାଷ୍ଟିଂ କରି କଳାପଥର ଚାଲାଣ କରୁଛନ୍ତି। ଏହାକୁ ରୋକିବା ଲାଗି ଧର୍ମଶାଳା ତହସିଲ ପକ୍ଷରୁ ଏହି ପାହାଡ଼କୁ ସଂଯୋଗ କରୁଥିବା ୧୬ ଗୋଟି ରାସ୍ତାକୁ ହିଟାଚି ମେଶିନ ଦ୍ୱାରା ଖୋଳି ଦିଆଯାଇଛି। ଫଳରେ ଉକ୍ତ ରାସ୍ତା ଦେଇ ଗାଡ଼ି ଯାତାୟାତ ହୋଇପରିବ ନାହିଁ। ଧର୍ମଶାଳା ତହସିଲଦାର ପ୍ରଶାନ୍ତ କୁମାର ସାମନ୍ତରାୟ, ଜେନାପୁର ଥାନା ଅଧିକାରୀ ଆଶିଷ କୁମାର ସାହୁ, ଡଙ୍କାରୀ ଆର୍‌ଆଇ ମନୋଜ ସାମଲ, ସାଲେପୁର ଆର୍‌ଆଇ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ପୂର୍ବରୁ ଚୋରା ଚାଲାଣ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ୩ଥର ଏଭଳି ରାସ୍ତା କଟାଯାଇଥିଲା। ହେଲେ ପଥର ମାଫିଆ ଖୋଳାଯାଇଥିବା ରାସ୍ତାକୁ ପୋତି ଦେଇ କାରବାର କରିଚାଲିଛନ୍ତି। ତେବେ ଆଗକୁ ଯଦି କେହି ଖୋଳାଯାଇଥିବା ରାସ୍ତା ପୋତିବେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ଏତଲା ଦାଏର କରାଯାଇ ଗିରଫ କରାଯିବ ବୋଲି ତହସିଲଦାର ସାମନ୍ତରାୟ କହିଛନ୍ତି।

## ୬୯ତମ ଗୋ ସମ୍ବର୍ଦ୍ଧନା ସପ୍ତାହ

**ଧର୍ମଶାଳା,୧୯।୧୧ (ଡି.ଏନ.ଏ.)**

ଧର୍ମଶାଳା ବ୍ଲକ କୃଷି ଓ ପରାମର୍ଶ କେନ୍ଦ୍ର ପରିସରରେ ଗୁରୁବାର ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଧର୍ମଶାଳା ପକ୍ଷରୁ ୬୯ତମ ଗୋ ସମ୍ବର୍ଦ୍ଧନା ସପ୍ତାହ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଧର୍ମଶାଳା, ରସୁଲପୁର ଓ ବଡଚଣା ବ୍ଲକର ଗୋପାଳକମାନେ ଯୋଗଦେଇଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ରାଜ୍ୟସ୍ତରୀୟ ଗୋପାଳନ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ବିଭାଗୀୟ ସଚିବ ଓ ନିର୍ଦ୍ଦେଶକ ଯୋଗଦେଇ ଚାଷୀମାନଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ଦେଇଥିଲେ। ଏହି ଅବସରରେ ଧର୍ମଶାଳା ଗୋଷ୍ଠୀ ପ୍ରାଣୀ ଚିକିତ୍ସା କେନ୍ଦ୍ର ପକ୍ଷରୁ ନିକଟସ୍ଥ କୁମାରୀ ଗ୍ରାମରେ ଗୋ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଯାଜପୁର ଜିଲା ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା. ସଚ୍ଚିଦାନନ୍ଦ ପଣ୍ଡା, ଧର୍ମଶାଳା ମଣ୍ଡଳ ପ୍ରାଣୀ ଚିକିତ୍ସାଧିକାରୀ ଡା. ରଞ୍ଜନ କୁମାର ସେଠୀ, ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା. ସୁବାସ ଚନ୍ଦ୍ର ଜେନା, ଡା. ନିବେଦିତା ସାହ, ପ୍ରଣୀ ଚିକିତ୍ସା ମଣ୍ଡଳ ଅଧୀନରେ ଥିବା ସମସ୍ତ ପ୍ରାଣୀଧନ ନିରୀକ୍ଷକ ପ୍ରମୁଖ ଯୋଗ ଦେଇଥିଲେ। ପରେ ଗୋପାଳକଙ୍କୁ ନେଇ ଏକ ବୈଷୟିକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଙ୍କ ସହ ଅନ୍ୟମାନେ।

# ଯୋଗ୍ୟ ମତଦାତା ବାଦ୍ ନ ପଡ଼ିବାକୁ ଗୁରୁତ୍ୱ

**ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବୈଠକ**

**ଜଗତ୍‌ସିଂହପୁର ଅଫିସ, ୧୯।୧୧**


ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ।

ଜିଲାର କୌଣସି ଯୋଗ୍ୟ ମତଦାତା ଯେପରି ଭୋଟର ତାଲିକାରୁ ବାଦ୍ ନ ପଡନ୍ତି ସେଥିପାଇଁ ଗତ ୧୬ ତାରିଖରୁ ସମଗ୍ର ଜିଲାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ଡିସେମ୍ବର ୧୫ ପର୍ଯ୍ୟନ୍ତ ଚାଲିବ। ୧୫ ଜାନୁୟାରୀ ୨୦୨୧ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏନେଇ ନଭେମ୍ବର ୨୮,୨୯ ଏବଂ ଡିସେମ୍ବର ୫ ଓ ୬ ରେ ସ୍ୱତନ୍ତ୍ର ଅଭିଯାନ ଦିବସ ପାଳନ କରାଯିବ। ଏ ସମ୍ପର୍କରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଗୁରୁବାର ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ସରୋଜ କୁମାର ମିଶ୍ର ପୌରୋହିତ୍ୟ କରି କହିଥିଲେ, ଭାରତୀୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଜଗତ୍‌ସିଂହପୁର ଜିଲା ପ୍ରଶାସନ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ବୁଥସ୍ତରରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନାଗରିକମାନଙ୍କୁ ସଚେତନ କରାଯିବା ଉଚିତ। ଏହି ସଂଶୋଧନ କାର୍ଯ୍ୟକ୍ରମରେ ମତଦାତାମାନେ ସେମାନଙ୍କ ଭୋଟର ତାଲିକା ସଂକ୍ରାନ୍ତୀୟ ତଥ୍ୟ ଯାଞ୍ଚ କରିପାରିବେ ଏବଂ ଆବଶ୍ୟକସ୍ଥଳେ ସଂଶୋଧନ ନିମନ୍ତେ ଆବେଦନ ମଧ୍ୟ କରିପାରିବେ। ୧ ଜାନୁୟାରୀ ୨୦୨୧ ସୁଦ୍ଧା ୧୮ ବର୍ଷରେ ପଦାର୍ପଣ କରୁଥିବା ଯୁବତୀଯୁବକମାନେ ଏହି ତାଲିକାରେ ନିଜର ନାମ ସାମିଲ କରିପାରିବେ। ଏଥିପାଇଁ ସେମାନେ ଫର୍ମ-୬ରେ ଆବେଦନ କରିପାରିବେ ବୋଲି ଜିଲାପାଳ କହିଥିଲେ। ଜିଲାର ସମସ୍ତ ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ବୁଥ୍‌ରେ ଜଣେ ବୁଥ୍‌ସ୍ତରୀୟ ଅଧିକାରୀ ତାଲିକା ସଂଶୋଧନ ପାଇଁ ନିୟୋଜିତ ହୋଇଛନ୍ତି। ସେ ଘରକୁ ଘର ବୁଲି ଭୋଟର ତାଲିକାରେ ମୃତ, ସ୍ଥାନାନ୍ତରିତ ଏବଂ ଦୋହରା ନାମ ସଂଯୋଗ ହୋଇଥିବା ଭୋଟରଙ୍କୁ ଚିହ୍ନଟ କରି ତାଲିକାରୁ ବାଦ୍ ଦେବେ। ନାଗରିକମାନେ ସେମାନଙ୍କ ଆପତ୍ତି, ଅଭିଯୋଗ ଏବଂ ସଂଶୋଧନ ପାଇଁ ନିର୍ଦ୍ଧାରିତ ଫର୍ମ ପୂରଣ କରି ଉପଜିଲାପାଳ/ବିଡିଓ/ତହସିଲଦାରଙ୍କ କାର୍ଯ୍ୟାଳୟ କିମ୍ବା ବୁଥ୍‌ସ୍ତରୀୟ ଅଧିକାରୀଙ୍କ ନିକଟରେ ଦାଖଲ କରିପାରିବେ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, ସହକାରୀ ଜିଲାପାଳ (ନିର୍ବାଚନ) ଶାଶ୍ୱତ ଦାଶ, ସହକାରୀ ଜିଲାପାଳ ଦିନେଶ ମିଶ୍ର, କାମିନୀ ରଞ୍ଜନ ପଟ୍ଟନାୟକ, ଅଲେଖ ଚରଣ ବାରିକ, ଶାରଦା ପ୍ରସାଦ ଦାସ, ମାନସ କୁମାର ରଥ ଓ ଅଜୟ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

